# NATIONAL NEWS BULLETIN (ODIA)
## 14 April - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଦିଲ୍ଲୀ ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦିଆଯାଇଥିବା ସବ୍‌ସିଡି ବ୍ୟବସ୍ଥା ପୂର୍ବପରି ବଳବତ୍ତର ରହିବ ବୋଲି କହିଛନ୍ତି ।
- କଂଗ୍ରେସ ଦଳ ପକ୍ଷରୁ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆଉ ଏକ ୧୬ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି ।
- ଜାତୀୟ ମାନବାଧିକାର ଆୟୋଗ ଏନ୍‌ଏଚ୍‌ଆର୍‌ସି ଗତକାଲି ପଶ୍ଚିମବଙ୍ଗସ୍ଥିତ ସନ୍ଦେଶଖାଲି ଅଞ୍ଚଳରେ କ୍ଷେତ୍ରୀୟ ତଦନ୍ତ କରିଛି ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ଇଂଲଣ୍ଡର ବୈଦେଶିତ ସଚିବ ଡେଭିଡ କାମେରନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟର ଗତକାଲି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପଞ୍ଜାବ କିଙ୍ଗ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି ।

# ଦିଲ୍ଲୀ-ଏଲ୍‌ଜି ସବ୍‌ସିଡି

ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା କହିଛନ୍ତି ସେଠାରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ସବ୍‌ସିଡି ବ୍ୟବସ୍ଥା ପୂର୍ବପରି ବଳବତ୍ତର ରହିବ । ବିଦ୍ୟୁତ୍, ଜଳଯୋଗାଣ ଏବଂ ବସ୍‌ଭଡା ଆଦି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରିହାତି ବ୍ୟବସ୍ଥା ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ରାଜଭବନଠାରେ ଗଣମାଧ୍ୟମକୁ ଗତକାଲି ଏକ ସ୍ପଷ୍ଟୀକରଣ ଦେଇ ବିଭିନ୍ନ ଗଣମାଧ୍ୟମ ତଥା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଚାର କରାଯାଉଥିବା ନକାରାତ୍ମକ ତଥ୍ୟକୁ ବିଶ୍ୱାସ ନ କରିବାକୁ ସେ କହିଛନ୍ତି । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ହାଜତରେ ଥିବାରୁ ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ବନ୍ଦ ହେବା ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କରାଯାଉଛି । ତେବେ ଏଭଳି ପ୍ରଚାର ସମ୍ପୂର୍ଣ୍ଣ ଅମୂଳକ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଏଭଳି ଯୋଜନା ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଦଳର କିମ୍ବା ବ୍ୟକ୍ତିବିଶେଷଙ୍କ

ଠାରେ ସୀମିତ ନୁହେଁ । କୌଣସି ପଦାଧିକାରୀ ଜେଲ୍‌ରେ ରହିଥିଲେ ମଧ୍ୟ ସରକାରୀ ଯୋଜନାଗୁଡ଼ିକ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଶ୍ରୀ ସକ୍‌ସେନା ସ୍ପଷ୍ଟ କରିଛନ୍ତି । ଏହି ଯୋଜନାଗୁଡ଼ିକ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ପୂର୍ବଭଳି ବଳବତ୍ତର ରହିବ ବୋଲି ସେ କହିଛନ୍ତି ।

## କଂଗ୍ରେସ ଲିଷ୍ଟ

କଂଗ୍ରେସ ଦଳ ପକ୍ଷରୁ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆଉ ଏକ ୧୬ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ପ୍ରାର୍ଥୀଙ୍କ ମଧ୍ୟରେ ଗୁଜୁରାଟର ୪ଜଣ, ହିମାଚଳପ୍ରଦେଶର ୨ଜଣ, ଚଣ୍ଡିଗଡର ଜଣେ ଏବଂ ଓଡ଼ିଶାର ୯ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଚଣ୍ଡିଗଡ ଲୋକସଭା ଆସନରୁ ଦଳର ବରିଷ୍ଠ ନେତା ତଥା ସାଂସଦ ମନିଷ ତିୱାରୀ ନିର୍ବାଚନ ଲଢ଼ିବେ । ସେହିଭଳି ହିମାଚଳପ୍ରଦେଶର ମଣ୍ଡି ଆସନରୁ ବିକ୍ରମାଦିତ୍ୟ ସିଂହ ବିଜେପି ପ୍ରାର୍ଥୀ କଙ୍ଗନା ରଣାଓ୍ୱତଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିବେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓଡ଼ିଶାର ବାଲେଶ୍ୱରରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକରୁ ଅନନ୍ତ ପ୍ରସାଦ ସେଠୀ,

ଭୁବନେଶ୍ୱରରୁ ୟାସିର ନୱାଜ, ପୁରୀରୁ ସୁଚରିତ ମହାନ୍ତିଙ୍କୁ ଦଳପକ୍ଷରୁ ମନୋନୟନ କରାଯାଇଛି । ଜଗତ୍‌ସିଂହପୁରରୁ ରବୀନ୍ଦ୍ର କୁମାର ସେଠୀ, କେନ୍ଦ୍ରାପଡାରୁ ସିଦ୍ଧାର୍ଥ ସ୍ୱରୂପ ଦାସ, ଢେଙ୍କାନାଳରୁ ସସ୍ମିତା ବେହେରା, ଯାଜପୁରରୁ ଅଞ୍ଚଳ ଦାସ ଏବଂ କେନ୍ଦୁଝରରୁ ମୋହନ ହେମ୍ବ୍ରମଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଛି ।

ଏଥିସହ ଦଳପକ୍ଷରୁ ଗୁଜୁରାଟ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପ ନିର୍ବାଚନ ପାଇଁ ୪ଜଣ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି ।

# ଏନ୍‌ଏଚ୍‌ଆର୍‌ସି-ସନ୍ଦେଶଖାଲି

ଜାତୀୟ ମାନବାଧିକାର ଆୟୋଗ ଏନ୍‌ଏଚ୍‌ଆର୍‌ସି ଗତକାଲି ପଶ୍ଚିମବଙ୍ଗସ୍ଥିତ ସନ୍ଦେଶଖାଲି ଅଞ୍ଚଳରେ କ୍ଷେତ୍ରୀୟ ତଦନ୍ତ କରିଛି । ଆୟୋଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ମାନବାଧିକାର ଉଲ୍ଲଙ୍ଘନ ହୋଇଥିବା ନେଇ ଉଲ୍ଲେଖ କରାଯାଇଛି । କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା ଏବଂ ବିଭିନ୍ନ ପ୍ରସଙ୍ଗକୁ ତର୍ଜମା କରି ଆୟୋଗ ତାଙ୍କ ରିପୋର୍ଟରେ ସେଠାକାର ଲୋକଙ୍କର ଅଧିକାର କ୍ଷୁଣ୍ଣ ହୋଇଥିବା ନେଇ ସ୍ପଷ୍ଟ ସୂଚନା ଦେଇଛି । ଆୟୋଗଙ୍କ ପକ୍ଷରୁ ଏହି ତଦନ୍ତ ରିପୋର୍ଟ ଗତକାଲି ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି । ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି । ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଆୟୋଗଙ୍କ

ପକ୍ଷରୁ କୁହାଯାଇଛି । ସେହି ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଲୋକଙ୍କ ମନରେ ପ୍ରଶାସନ ନେଇ ଆସ୍ଥା ଦୃଢ଼ କରିବା ଏବଂ ସେମାନଙ୍କର ଅଭିଯୋଗର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଏହି ରିପୋର୍ଟରେ କୁହାଯାଇଛି । ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଆୟୋଗ କହିଛନ୍ତି ।

ସୂଚନାଯୋଗ୍ୟ ଗତ ଫେବୃୟାରୀ ମାସରେ ଏହି ଘଟଣାରେ ମାନବାଧିକାର ଆୟୋଗ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ନିଜ ତରଫରୁ ଏଭଳି ତଦନ୍ତ ପାଇଁ ପଦକ୍ଷେପ ନେଇଛନ୍ତି ।

## ଇଏଏମ୍-ୟୁକେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ଇଂଲଣ୍ଡର ବୈଦେଶିତ ସଚିବ ଡେଭିଡ କାମେରନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ସେମାନଙ୍କ ମଧ୍ୟରେ ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଛି । ଏଥିସହ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଗତକାଲି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପଞ୍ଜାବ କିଙ୍ଗ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି । ଚଣ୍ଡିଗଡର ମୁଲାମପୁରସ୍ଥିତ ମହାରାଜା ୟଦବିନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପଞ୍ଜାବକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ପଞ୍ଜାବ ୮ ୱିକେଟ୍ ବିନିମୟରେ ୧୪୭ ସଂଗ୍ରହ କରିଥିଲା । ୧୪୮ ରନ୍‌ର ବିଜୟଲକ୍ଷ୍ୟକୁ ରାଜସ୍ଥାନ ରୟାଲ୍ସ ୧୯ଓଭର ୫ଟି ବଲ୍‌ରେ ୭ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳପକ୍ଷରୁ ସିମରନ ହେତମେୟାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ରାଜସ୍ଥାନ ରୟାଲ୍ସ ୬ଟି ମ୍ୟାଚ୍‌ରେ ୫ଟି ବିଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି ।

ଆଜି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଅପରାହ୍ଣ ସାଢ଼େ ୩ଟାରେ କୋଲକାତା ଇଡେନ୍ ଗାର୍ଡେନ୍‌ଠାରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ସେହିଭଳି ସଂଧ୍ୟା

ସାଢ଼େ ୭ଟାରେ ମୁମ୍ବାଇର ୱାଙ୍ଖେଡେଠାରେ ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍‌ସ ପରସ୍ପରକୁ ଭେଟିବେ ।